# Akashvani, Sambalpur

## SAMBALPURI NEWS BULLETIN

### 27 December 2024- 6.47- 6.52 am.

**********************************************

ମନ୍‌ମୋହନ୍ ସିଂ- ପରଲୋକ          ଏନ୍‌ଏସ୍‌ଡି

ଦେଶର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଆର୍ ବିଶିଷ୍ଟ ଅର୍ଥନୈତିଜ୍ଞ ଡକ୍ଟର୍ ମନ୍‌ମୋହନ୍ ସିଂଙ୍କର୍ ବିୟୋଗ୍‌ଥି ସାରା ଦେଶେ ଶୋକ ପ୍ରକାଶ୍ ପାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର୍ ଶୋକବାର୍ତାଥି କହିଛନ୍ ମନ୍‌ମୋହନ୍ ସିଂ ଝନେ ଅଲ୍‌ଗା ରକ୍‌ମର୍ ରାଜନେତା ଥିଲେ ଆର୍ ଦେଶ୍ ଲାଗି ତାଙ୍କର୍ ସେବା, ନିର୍ମଳ ରାଜନୀତିକ ଜୀବନ୍, ବିନମ୍ରତା ଲାଗି ସେ ସବୁବେଲେ ସୋର୍ ରହେବେ ।

ମନ୍‌ମୋହନ୍ ସିଂଙ୍କର୍ ବାଗିର୍ ଝନେ ନେତାଙ୍କୁ ହରେଇକରି ସାରାଦେଶ୍ ଆଏଜ୍ ଦୁଖିତ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଶ୍ରୀ ମୋଦୀ କହିଛନ୍ ବହୁତ୍ ବଛର୍ ଧରି ଦେଶର୍ ଆର୍ଥିକ୍ ନୀତିଥି ସେ ନିଜର୍ ବର୍‌କସ୍ ଛାପ୍ ଛାଡ଼ିଥିଲେ ।

ମନ୍‌ମୋହନ୍ ସିଂ ବିନମ୍ରତା ଆଉ ସଚ୍ଚୋଟତାର ଉଦାହରଣ୍ ଥିଲେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୋକବାର୍ତାଥି କହିଛନ୍ । ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଉ ବହୁ ବିଶିଷ୍ଟ ବ୍ୟକ୍ତି ମନ୍‌ମୋହନ୍ ସିଂଙ୍କର୍ ବିୟୋଗ୍‌ଥି ଶୋକପ୍ରକାଶ୍ କରିଛନ୍ । ମନ୍‌ମୋହନ୍ ସିଂଙ୍କର୍ ଉଦାର ଅର୍ଥନୈତିକ ନୀତି ଲାଗି ଭାରତ୍ ପୁର୍‌ଥିର୍ ଗୁଟେ ବର୍‌କସ୍ ଅର୍ଥନୀତିର୍ ଯାତ୍ରା ଆରମ୍ଭ କରିଥିଲା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଡକ୍ଟର୍ ମନ୍‌ମୋହନ୍ ସିଂଙ୍କୁ ମୃତ୍ୟୁବେଲ୍‌କେ ୯୨ ବରସ୍ ବୟସ୍ ହେଉଥିଲା । ଗଲାରାତିର୍ ୮ ବଜେ ଅଚାନକ୍ ସେ ଅଚେତ୍ ହେଇଯାଇଥିଲେ, ସଙ୍ଗେ ସଙ୍ଗେ ଦିଲ୍ଲୀ ଏମ୍ସ ନ ତାଙ୍କୁ ଭର୍ତି କରାଯାଇଥିଲା । ହେଲେ ଚିକିତ୍ସା ଚାଲିଥିଲା ବେଲ୍‌କେ ରାତି ୯ ବାଜିକରି ୫୧ ମିନିଟ୍‌ଥି ତାଙ୍କର୍ ପରଲୋକ୍ ହେଇଥିଲା ବଲି ଦିଲ୍ଲୀ ଏମ୍ସ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏଜ୍ ମନ୍‌ମୋହନ୍ ସିଂଙ୍କର୍ ଅନ୍ତିମ ସଂସ୍କାର୍ ରାଷ୍ଟ୍ରୀୟ ମର୍ଯ୍ୟାଦାଥି ହେବା । ତାଙ୍କୁ ଶ୍ରଦ୍ଧାଞ୍ଜଲି ଜନାବାର୍‌କେ ଦିନର୍ ୧୧ ବଜେ କେନ୍ଦ୍ର କେବିନେଟ୍‌ର ଗୁଟେ ବୈଠକ୍ ବସ୍‌ବା । ମନ୍‌ମୋହନ୍ ସିଂ ୨୦୦୪ ନୁ ୨୦୧୪ ତକ୍ ଭାରତ୍‌ର ପ୍ରଧାନ୍‌ମନ୍ତ୍ରୀ ରହିଥିଲେ । ୩୩ ବଛର୍‌ତକ୍ ସେ ରାଜ୍ୟସଭା

ସଦସ୍ୟ ଥିଲେ । ୧୯୯୧ ଜୁନ୍ ମାସେ ସେ ସେତେବେଲର୍ ପ୍ରଧାନ୍‌ମନ୍ତ୍ରୀ ପି.ଭି. ନରସିହ୍ମା ରାଓ ଙ୍କର୍ ସର୍‌କାର୍‌ଥି ଅର୍ଥମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ଦେଶର୍ ଜଟିଳ ଆର୍ଥିକ୍ ସଙ୍କଟ୍ ବେଲ୍‌କେ ସେ କେତ୍‌ନିକେତେ ଅର୍ଥନୈତିକ୍ ସଂସ୍କାର୍ ଆନିଥିଲେ ।

ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ୍-ବୀମା କମ୍ପାନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଅଦିନିଆ ବର୍ଷାଥି ଫସଲ୍ ନୁକ୍‌ସାନ୍ ଲାଗି ଚାଷୀମାନ୍‌କୁ ଫସଲ୍ ବୀମା ବାବ୍‌ଦେ ବୀମା କମ୍ପାନୀମାନ୍‌କୁ ସହଯୋଗ୍ କର୍‌ବାର୍‌କେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଚାଷୀମାନ୍‌କୁ ହଏରାନ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଭିଲ୍ ମନ୍ତ୍ରୀ ଶ୍ରୀ ପୂଜାରୀ ଚେତେଇ ଦେଇଛନ୍ । ଗଲା ୨୪ ତାରିଖ୍ ତକ୍ ୨୦ ହଜାର୍‌ନୁ ଅଏତ୍‌କା ଚାଷୀ ବୀମା ଲାଗି ଆବେଦନ୍ କରିସାର୍‌ଲେନ । ସେମାନ୍‌କୁ ବୀମା ପ୍ରଦାନ୍ କର୍‌ବାର୍ ଲାଗି କମ୍ପାନୀମାନେ ଆଇନ୍ ଅନ୍‌ସାରେ କାମ୍ କର୍‌ବାର୍ ଦର୍‌କାର୍ । ଇ ବାବ୍‌ଦେ ବୀମା କମ୍ପାନୀ ମାନ୍‌କର୍ ସହେତେ କୃଷି ବିଭାଗ୍‌ର ୨ ଟା ବୈଠକ୍ ହେଇସାର୍‌ଲାନ । ଆଏବା ୨୮ ତାରିଖ୍‌ଥି ରାଜସ୍ୱ, କୃଷି ଆଉ ସମବାୟ ସହେତେ ଅଲ୍‌ଗା ବିଭାଗ୍ ବୈଠକ୍ ହେବା ଆଉ

କ୍ଷୟକ୍ଷତି ରିପୋର୍ଟ ଆସ୍‌ବା ଉତ୍‌ରୁ ଥିତି ବାବ୍‌ଦେ ଅବଗତ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ପ୍ରଭାରୀ ମନ୍ତ୍ରୀ ନିଯୁକ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟର୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଫିʼ ଜିଲ୍ଲାଥି ପ୍ରଭାରୀ ମନ୍ତ୍ରୀ ନିଯୁକ୍ତ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୧୫ ଝନ୍ ମନ୍ତ୍ରୀଙ୍କୁ ୩୦ ଟା ଜିଲ୍ଲା ଦାୟିତ୍ୱ ଦେଇଛନ୍ । ଇ ପ୍ରଭାରୀ ମନ୍ତ୍ରୀମାନେ ନେଇଥିବା ଜିଲ୍ଲାକେ ଫିʼ ମାସେ ଗସ୍ତ କରିକରି ଜିଲ୍ଲା ପ୍ରଶାସନ୍ ସହେତେ ଚାଲୁଥିବା ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କର୍‌ବେ । ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କୁ ସୁନ୍ଦର୍‌ଗଡ଼୍ ଆର୍ ଦେବ୍‌ଗଡ଼୍, ମନ୍ତ୍ରୀ ରବି ନାରାୟଣ୍ ନାଏକଙ୍କୁ ସୋନ୍‌ପୁର୍ ଆର୍ ବଲାଙ୍ଗିର୍, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁଗୁଲ୍ ଆର୍ ସମ୍ବଲପୁର୍, ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କୁ ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ଼୍ , ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କନ୍ଧମାଲ୍ ଆର୍ ବୌଦ୍ଧ ଆଉ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କୁ କଲାହାଣ୍ଡି ଆର୍ ନୂଆପଡ଼ା ଜିଲ୍ଲାର୍ ପ୍ରଭାରୀ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଛନ୍ ।

ବନ୍ୟଜନ୍ତୁ ସୁରକ୍ଷା- ଟିପିଡବ୍ଲୁଓଡିଏଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ବନ୍ୟଜନ୍ତୁ ସୁରକ୍ଷା ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇଥିର୍‌ଲାଗି ଇ ବଛର୍ ୫ ଶହ ଟା ନୁକ୍କଡ଼୍ ନାଟକ୍‌ର ଯୋଜ୍‌ନା ପ୍ରସ୍ତୁତ୍ କରାଯାଇଛେ । ଇଥିର୍ ଜରିଏ ଲୁକ୍‌କର୍ ଭିତ୍‌ରେ ବିଦ୍ୟୁତ୍ ତାର୍‌ଥି ବନ୍ୟଜନ୍ତୁ ମାନ୍‌କର୍ ଅବୈଧ ଶିକାର୍ ରୁକ୍‌ବାର୍ ଆର୍ ଜନସଚେତନତା ସୃଷ୍ଟି କରାଯାଇଛେ ।

ଲୋକ୍‌ମହୋତ୍ସବ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ଲୋକମହୋତ୍ସବ୍ ଲାଗି ଗଲାକାଏଲ୍ ଅଇଁଠାପାଲି ଠାନେ ଥିବା ପିଏଚ୍‌ଡି ପଡ଼ିଆଠାନେ ଭୂମିପୂଜନ୍ ସଙ୍ଗେ ମଚାନ୍ ତିଆର୍ କାମ୍ ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆୟୁକ୍ତ ବେଦ୍‌ଭୂଷଣ୍ କୁନୁଅାଁ ଭାବେ ଯୋଗ୍ ଦେଇକରି ଭୂମିପୂଜା କରିଥିଲେ ।

ଦେବ୍‌ଗଡ଼୍-କୃଷକ୍ ପଞ୍ଜିକରଣ ଆର୍‌ଏନ୍‌ୟୁ /ସମ୍ବଲପୁର

ଦେବ୍‌ଗଡ୍ ଜିଲ୍ଲା କୃଷି ଅଧିକାରୀଙ୍କର୍ ସମ୍ମଲନୀ କକ୍ଷ ନ ଚଲ୍‌ତି ବଛର୍ ଲାଗି କୃଷକ୍ ପଞ୍ଜିକରଣ୍ ଆର୍ ଡିଜିଟାଲ୍ ଫସଲ୍ ସର୍ଭେ ପ୍ରଶିକ୍ଷଣ୍ ଶିବିର୍  ହେଇଯାଇଛେ । ଶିବିରଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ, ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର୍ ପ୍ରଧାନ୍ ଯୋଗ୍ ଦେଇଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପଶ୍ଚିମକେ ଲାଗିଥିବା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ଥିବା ଲଘୁଚାପ୍ ଦୁର୍ବଲ୍ ହେଇଛେ । ରାଏଜେ ବର୍ଷାର୍ ପରିମାଣ୍ କମିଛେ । ହେଲେ ଆଏବା କାଏଲ୍ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍‌ର ଗୁଟେ ଦୁଇଟା ଜାଗା ନ ଟିକେଟେଂଚେ ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର  ଅନୁମାନ୍ କରିଛେ । ଇତାର୍‌ସହେତେ ରାଜ୍ୟର୍ ଉପକୂଲ ସହେତେ ଆଭ୍ୟନ୍ତରିଣ୍ ଇଲାକା ନ କୋହଲା ପାଗ୍ ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର କହିଛେ ।